ଚତୁର୍ଥ ଅଧ୍ୟାୟ

# ଉଇଣ୍ଡୋଜ୍ ସମ୍ବନ୍ଧୀୟ ମୌଳିକ ଧାରଣା

**(FUNDAMENTALS OF WINDOWS)**

ଆମ ଘରର ସମସ୍ତ କାମକୁ ବାପା ଓ ମାଆ ସୁଚାରୁରୂପେ ସମ୍ପାଦନ କରିଥାଆନ୍ତି । ଏଥିପାଇଁ ସେମାନେ ବୁଦ୍ଧିଖଟେଇ ନିର୍ଦ୍ଦିଷ୍ଟ ପଦ୍ଧତି ଅନୁସରଣ କରନ୍ତି, ତେଣୁ ଘରର କୌଣସି କାମ ପାଇଁ ଘରର ଅନ୍ୟମାନଙ୍କୁ ମୁଣ୍ଡ ଖେଳେଇବାକୁ ପଡ଼େନାହିଁ ।

ସେହିପରି କମ୍ପ୍ୟୁଟର ମଧ୍ୟ ନିଜର ସମସ୍ତ କାର୍ଯ୍ୟକ୍ରମକୁ ଏକ ନିର୍ଦ୍ଦିଷ୍ଟ ପ୍ରୋଗ୍ରାମ (Program) ଜରିଆରେ ସୁନିୟନ୍ତ୍ରିତ ଉପାୟରେ ସମ୍ପାଦନ କରିଥାଏ । ଏଥିପାଇଁ ବ୍ୟବହାରକାରୀଙ୍କୁ ଅନ୍ୟ କୌଣସି ଯନ୍ତ୍ରପାତିର ସାହାଯ୍ୟ ନେବାକୁ ପଡ଼େନାହିଁ ।

ଏବେ ଜାଣିବା ଏହି ନିର୍ଦ୍ଦିଷ୍ଟ ପ୍ରୋଗ୍ରାମଟି କଣ ?

ଆଗରୁ ଆମେ ଜାଣିଛୁ କମ୍ପ୍ୟୁଟର ହାର୍ଡଓୟାର (Hardware) କାର୍ଯ୍ୟକ୍ଷମ ହେବାପାଇଁ ସଫଟଓୟାର (Software) ଉପଯୋଗ କରାଯାଏ ।

ଏହି ସଫଟଓୟାର ଏହାର ଆନୁଷଙ୍ଗିକ ଯନ୍ତ୍ରପାତି ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରିଥାଏ ।

ଏହି ଅଧ୍ୟାୟରେ ଆମେ ସେହି ସଫଟ୍‌ଓୟାର ବିଷୟରେ ଅଧିକ ଜାଣିବା । ପୂର୍ବ ଅଧ୍ୟାୟରେ ଆମେ ଜାଣିଲୁ ସଫଟଓୟାର ମୁଖ୍ୟତଃ ଦୁଇ ପ୍ରକାର- ସିଷ୍ଟମ ସଫ୍‌ଟଓୟାର ଓ ଆପ୍ଲିକେସନ୍ ସଫ୍‌ଟଓୟାର ।

ଏହି ସିଷ୍ଟମ ସଫ୍‌ଟଓୟାର (System Software) କମ୍ପ୍ୟୁଟର ପ୍ରବୀଣଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥାଏ । ଏହା କମ୍ପ୍ୟୁଟର (ପିସି)ରେ ସଂଯୋଜିତ ହୋଇଥାଏ । ଏହାକୁ ପ୍ରଚାଳନ ପଦ୍ଧତି (Operating System: OS) ବା ପ୍ରଚାଳକ କୁହାଯାଏ । ଭିନ୍ନ ଭିନ୍ନ ପ୍ରଚାଳକଗୁଡ଼ିକ ଆମେ ଆଗରୁ ଜାଣିଛୁ ।

ପ୍ରଥମେ କମ୍ପ୍ୟୁଟର ଖୋଲିଲେ ଗୋଟିକ ପରେ ଗୋଟିଏ ଚଳମାନ ପୃଷ୍ଠା ଖୋଲିଚାଲେ । ଶେଷରେ ଗୋଟିଏ ପୃଷ୍ଠା କମ୍ପ୍ୟୁଟର ପରଦାରେ ସ୍ଥିର ହୋଇ ରହିଯାଏ । ଏହି ପୃଷ୍ଠାରେ ପ୍ରଚାଳକ(OS)ର ନାମ ଲେଖା ହୋଇଥାଏ ।


## ଉଇଣ୍ଡୋଜ୍ (Windows) କ'ଣ ?

ଆମେ ବ୍ୟବହାର କରୁଥିବା କମ୍ପ୍ୟୁଟରଗୁଡ଼ିକରେ ଉଇଣ୍ଡୋଜ୍ (Windows) ପ୍ରଚାଳକ (OS) ବ୍ୟବହୃତ ହେଉଛି । ଏହା ଏକ ଚିତ୍ରଭିତ୍ତିକ ପ୍ରଚାଳକ । କମ୍ପ୍ୟୁଟର ପରଦାରେ ଛୋଟ ବଡ଼ Window ଗଠିତ ହୋଇ ଏହାର କାର୍ଯ୍ୟକ୍ରମ ବାବଦରେ ସୂଚନା ସେହି Windowଭିତରେ ଦେଖାଯାଏ । ଏହି Window ଶବ୍ଦରୁ Windows ନାମକରଣ ହୋଇଛି ।


ପ୍ରଥମେ ସଂପୂର୍ଣ୍ଣ କମ୍ପ୍ୟୁଟର ପରଦା ବା ମନିଟରକୁ Window ଟିଏ ଆଚ୍ଛାଦିତ କରେ । ତା ଭିତରେ ଛୋଟଛୋଟ ଆଇକନ୍ ଗଠିତ ହୋଇ ସୂଚନା ପ୍ରଦାନ କରେ ।

ପୂର୍ବରୁ ଡସ୍ (Disk Operating System : DOS) ପ୍ରଚାଳକ(OS) ବ୍ୟବହୃତ ହେଉଥିଲା । ଏହା ଅକ୍ଷରଭିତ୍ତିକ ପ୍ରଚାଳକ ଥିଲା । ମାଇକ୍ରୋସଫ୍ଟ କମ୍ପାନୀ ନିର୍ମିତ ଉଇଣ୍ଡୋଜ୍ ଆସିବା ପରେପରେ ଏହି ପ୍ରଚାଳକ ସର୍ବତ୍ର ପ୍ରଚଳିତ ହେଉଛି ।

ଏବେ ସର୍ବତ୍ର Windows 7 ଏବଂ Windows 10 ପ୍ରଚାଳକ ବ୍ୟବହୃତ ହେଉଛି । Windows 10 ହେଉଛି ସର୍ବାଧୁନିକ । ଆମେ ଉଭୟ ପ୍ରଚାଳକ ବିଷୟରେ ଏବେ ପଢ଼ିବା ।



ଉଇଣ୍ଡୋଜ୍ 7 ପରଦା





ଉଇଣ୍ଡୋଜ୍ 10 ପରଦା

## ଉଇଣ୍ଡୋଜକୁ ଆରମ୍ଭ କରିବା କିପରି ?

ଉଇଣ୍ଡୋଜ୍ (Windows) କୁ ଆରମ୍ଭ କରିବାପାଇଁ ପ୍ରଥମେ କମ୍ପ୍ୟୁଟରକୁ ଅନ୍ କର । ତାପରେ ସିପିୟୁ (CPU) ଏବଂ ମନିଟର (Monitor)ର ସୁଇଚ ଅନ୍ କର । ସିପିୟୁ ଅନ୍ ହେଲାପରେ କମ୍ପ୍ୟୁଟର ପରଦାରେ ପ୍ରଥମେ କେତୋଟି ଚଳମାନ ପୃଷ୍ଠା ଗୋଟିକ ପରେ ଗୋଟିଏ ଦେଖାଦେଇ ପୁଣି ଉଭେଇ ଯାଏ ।


ତାପରେ ଆମକୁ କାର୍ଯ୍ୟ କରିବାପାଇଁ ପ୍ରାରମ୍ଭିକ ପରଦାଟି ମିଳିଥାଏ, ଯାହାକୁ ଆମେ ଡେସ୍କଟପ୍ (Desktop) କହିଥାଉ ।




Window 7 ଡେସ୍କଟପ୍

ଏହାପରେ କମ୍ପ୍ୟୁଟରକୁ କୌଣସି ନିର୍ଦ୍ଦେଶ ଦେବାପାଇଁ ମାଉସ୍‌ର ବ୍ୟବହାର କରିବା ।

ପରଦାର ତଳ ଭାଗରେ ଥିବା ଷ୍ଟାର୍ଟ ମେନୁର ବଟନ (Start button) ଉପରକୁ ମାଉସର ପଏଣ୍ଟର୍ (Mouse Pointer) କୁ ନେଇ ବାମ (Left) ପାର୍ଶ୍ୱସ୍ଥ ବଟନକୁ ଚିପ, ଏହାପରେ ଏହି ମେନୁ ପରଦାରେ ଦେଖାଯିବ । ତାପରେ ଏହି Menuରୁ ଆବଶ୍ୟକୀୟ ଆଇକନ୍‌କୁ ବାଛ । ଡେକ୍ସଟପ୍ (Desktop) ଉପରେ ଥିବା ଆବଶ୍ୟକୀୟ ଆଇକନ୍ (Icon) ଉପରେ ଡବଲ କ୍ଲିକ୍ କର । Windows 7 ର ମେନୁ (Menu) ଚିତ୍ର ତଳେ ଦିଆଗଲା ।





ଏବେ ଆମେ ଚାହୁଁଥିବା କାମଟି କରିବାପାଇଁ ଇପସିତ ପରଦାଟି ମିଳିଯିବ ।

(**ଟିକା:** ମାଉସ୍‌ର ବ୍ୟବହାର ପରବର୍ତ୍ତୀ ଅନୁଚ୍ଛେଦ ଗୁଡ଼ିକରୁ ବୁଝିବା ।)

## ଉଇଣ୍ଡୋଜ୍‌ର ଉପାଂଶ (Components of Windows)

ସାଧାରଣତଃ ଉଇଣ୍ଡୋ କହିଲେ ସ୍ୱତଃ ଆମ ମନରେ ଘରର ଝରକାର ଚିତ୍ର ଆସିଥାଏ, ଯାହାଦ୍ୱାରା ଆମେ ବାହାରର ଦୃଶ୍ୟ ଦେଖିଥାଉ । ସେହିପରି କମ୍ପ୍ୟୁଟରରେ ଉଇଣ୍ଡୋ କହିଲେ କମ୍ପ୍ୟୁଟର ପରଦାରେ ପ୍ରଦର୍ଶିତ ହେଉଥିବା ଏକ କୋଠରି ଆକୃତିର ସ୍ଥାନ ଯେଉଁଥିରେ ଆମେ ବିଭିନ୍ନ ପ୍ରକାରର ଫାଇଲ, ଫୋଲଡର, ଆଇକନ୍ ଆଦି ଦେଖିପାରିଥାଉ । ଏଥିରେ ଲେଖା, ଚିତ୍ର, ଆଦି ପ୍ରଦର୍ଶିତ ହୋଇଥାଏ ।





ଉଇଣ୍ଡୋଜ୍ 10 ର ଉପାଂଶ

ବର୍ତ୍ତମାନ ଗୋଟିଏ ଉଇଣ୍ଡୋକୁ ଖୋଲି ତାହାର ଅଂଶଗୁଡ଼ିକୁ ଦେଖିବା ଏବଂ ତାହା ସଂପର୍କରେ ଆଲୋଚନା କରିବା । ଚିତ୍ରରେ ଏକ ସାଧାରଣ Window ଏବଂ ଏହାର ବିଭିନ୍ନ ଅଂଶଗୁଡ଼ିକ ଦେଖାଇ ଦିଆଯାଇଛି ।

**ଡେସ୍କଟପ (Desktop) :**

କମ୍ପ୍ୟୁଟର ସୁଇଚ୍ ଅନ୍ କଲାପରେ ପ୍ରଥମେ ଯେଉଁ ଚିତ୍ରଭିତ୍ତିକ ପରଦାଟିକୁ ଦେଖିବାକୁ ପାଇବ, ତାହାକୁ ଡେସ୍କଟପ୍ (Desktop) କୁହାଯାଏ । ଡେସ୍କଟପ୍ ଉପରେ ଯେଉଁ ଛୋଟଛୋଟ ଚିତ୍ର ଗୁଡ଼ିକ ପ୍ରଦର୍ଶିତ ହୋଇଥାଏ,





ଡେକ୍ସଟପ୍‌ରେ ଉଇଣ୍ଡୋଜ୍ 7ର ଉପାଂଶ

ତାହାକୁ ଆଇକନ୍ (Icon) କୁହାଯାଏ । ଆଇକନ୍‌ଗୁଡ଼ିକ ଗୋଟିଏ ଗୋଟିଏ ଫାଇଲ, ଫୋଲଡର କିମ୍ବା ପ୍ରୋଗାମ୍‌ର ସାଙ୍କେତିକ ଚିହ୍ନ । ଡେସ୍କଟପ୍ ପୃଷ୍ଠାର ତଳ ଭାଗରେ ଭୂ-ସମାନ୍ତର ଦଣ୍ଡଟିଏ ଥାଏ । ତାହା 'ଟାସ୍କବାର' (Taskbar) । ଏହାର ବାମ, ଡାହାଣ ଓ ମଧ୍ୟଭାଗରେ ଷ୍ଟାଟ୍ ମେନୁ (Start Menu) ର ବଟନ୍, କୁଇକ୍ ଲଞ୍ଚ ଟୁଲବାର (Quick Launch Toolbar), ସିଷ୍ଟମ୍ ଟ୍ରେ (System Tray) ତଥା ଘଣ୍ଟା (Clock) ଆଦି ଥାଏ ।

ଡେସ୍କଟପ୍ ଚିତ୍ରରୁ ସେଗୁଡ଼ିକୁ ଚିହ୍ନିବା ଏବଂ ପର୍ଯ୍ୟାୟକ୍ରମେ ସେ ସବୁର କାର୍ଯ୍ୟପ୍ରଣାଳୀ ଜାଣିବା ।

**1. ଟାସ୍କବାର (Taskbar) :**





ପରଦାର ଠିକ୍ ତଳ ଭାଗରେ ଗୋଟିଏ ଭୂସମାନ୍ତର ଦଣ୍ଡଟିଥାଏ, ତାହାକୁ ଟାସ୍କବାର (Taskbar) କୁହାଯାଏ । ସେଥିରେ ଆମେ ଷ୍ଟାର୍ଟ ବଟନ, ତଥା ଅନ୍ୟାନ୍ୟ Windows ଆଇକନ୍ ଦେଖିପାରିବା ।

2. ଷ୍ଟାର୍ଟ ବଟନ (Start Button):

ଏହି ବଟନ୍‌ଟି ପୃଷ୍ଠାର ତଳଭାଗରେ ଟାସ୍କବାର ବାମ ପାର୍ଶ୍ୱରେ ପ୍ରଦର୍ଶିତ ହୋଇଥାଏ । ଏହା ଉପରେ କ୍ଲିକ୍ କଲେ ଷ୍ଟାର୍ଟ ମେନୁ (Start Menu) ଦେଖାଯାଏ । ଏହାକୁ ବ୍ୟବହାର କରି ଆମେ ଚାହିଁଲେ ଗୋଟିଏ ଆପ୍ଲିକେସନ୍ ପ୍ରୋଗାମ ଯଥା Calculator, Ms-Paint ଇତ୍ୟାଦି ପାଇପାରିବା । Document ଖୋଲିପାରିବା ଫାଇଲ ବା ଫୋଲଡରକୁ ଖୋଲିପାରିବା ଉଇଣ୍ଡୋଜ ପ୍ରୋଗ୍ରାମକୁ ବନ୍ଦ କରିପାରିବା ।

## ଆଇକନ (Icons)

ବର୍ତ୍ତମାନ ଡେସ୍କଟପ୍ ଉପରେ ଥିବା ଆଇକନ୍ (Icon) ସମ୍ପର୍କରେ ଆଲୋଚନା କରିବା ।




ଉଇଣ୍ଡୋଜର ଉପାଂଶଗୁଡ଼ିକ ଏହି ଆଇକନ୍‌ଗୁଡ଼ିକରୁ ଚିହ୍ନାପଡ଼େ । ଏହି ଉପାଂଶଗୁଡ଼ିକ ହେଲା, ମାଇଁ କମ୍ପ୍ୟୁଟର (My Computer), କଣ୍ଟ୍ରୋଲ୍ ପ୍ୟାନେଲ (Control Panel), ମାଇଁ ନେଟ୍‌ୱାର୍କ ପ୍ଲେସେସ୍, (My Network Places) ରିସାଇକଲ୍ ବିନ୍ (Recycle Bin) ଇତ୍ୟାଦି ।


### 1. ମାଇଁ କମ୍ପ୍ୟୁଟର (My Computer):

ଏହି ଆଇକନ୍ (Icon) କୁ ବ୍ୟବହାର କରି ଆମେ ଖୁବ୍ ସହଜରେ କମ୍ପ୍ୟୁଟର (PC) ସମସ୍ତ ଡ୍ରାଇଭ୍ (Drive), ଡ୍ରାଇଭ୍ ଅନ୍ତର୍ଗତ ବିଭିନ୍ନ ଫୋଲଡର ଏବଂ ଫାଇଲ୍‌ମାନଙ୍କୁ ଦେଖିପାରିବା ଓ ସେମାନଙ୍କ ସମ୍ବନ୍ଧରେ ସୂଚନା ମଧ୍ୟ ପାଇପାରିବା ।

### 2. କଣ୍ଟ୍ରୋଲ ପ୍ୟାନେଲ୍ (Control Panel) :

ଉଇଣ୍ଡୋଜ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ ହେଲା କଣ୍ଟ୍ରୋଲ ପ୍ୟାନେଲ । କମ୍ପ୍ୟୁଟରକୁ ନିୟନ୍ତ୍ରଣ କରିବାପାଇଁ କଣ୍ଟ୍ରୋଲ ପ୍ୟାନେଲ (Control Panel) ର ଆବଶ୍ୟକତା ରହିଛି । ଉଇଣ୍ଡୋଜ୍ (Windows) ରେ ନୂତନ ପ୍ରୋଗ୍ରାମକୁ

ସଂଯୋଗ କରିବା ଅଥବା କୌଣସି ପ୍ରୋଗ୍ରାମକୁ ପ୍ରତ୍ୟାହାର କରିବା, ମାଉସ୍, କିବୋର୍ଡ଼ (Keyboard) ମୋଡେମ୍ (Modem), ପ୍ରିଣ୍ଟର (Printer)ର ବ୍ୟବହାର ଏବଂ ଆଚରଣରେ ପରିବର୍ତ୍ତନ କାର୍ଯ୍ୟ ପାଇଁ କଣ୍ଟ୍ରୋଲ ପ୍ୟାନେଲର ସହାୟତା ନିଆଯାଇଥାଏ । Control Panel Window କୁ ଦେଖ, ଏକାଧିକ ଆଇକନ୍ ଦେଖିବାକୁ ପାଇବ । ତୁମେ ଯଦି କୌଣସି ଆଇକନ୍ ସମ୍ବନ୍ଧରେ ଅଧିକ ସୂଚନା ଚାହୁଁଥାଅ ତେବେ, ଆଇକନ୍ ଉପରେ ଡବଲ କ୍ଲିକ୍ କରି ଆବଶ୍ୟକ ଅନୁଯାୟୀ ଏହାର କାର୍ଯ୍ୟକାରିତାରେ ପରିବର୍ତ୍ତନ ଆଣିପାରିବ ।



କଣ୍ଟ୍ରୋଲ ପ୍ୟାନେଲ ଉଇଣ୍ଡୋ

### 3. ମାଇଁ ନେଟ୍‌ୱାର୍କ ପ୍ଲେସେସ୍ (My Network Places):



ନେଟ୍‌ୱାର୍କ କହିଲେ ଆମେ ଆମ ପାଖ କମ୍ପୁଟର ବା ଦୂରରେ ଥିବା କମ୍ପ୍ୟୁଟର ଓ ଅନ୍ୟାନ୍ୟ ସଫ୍‌ଟଓୟାର ସହିତ ସଂଯୋଗକୁ ବୁଝାଏ । ଯଦି ଆମର କମ୍ପ୍ୟୁଟରଟି ନେଟ୍‌ୱାର୍କ (Network)ରେ ସଂଯୁକ୍ତ ଥାଏ, ତେବେ ଏହାର ଆଇକନ୍ ଉପରେ ଡବଲକ୍ଲିକ୍ କଲେ ଆମେ Network ଉଇଣ୍ଡୋଟି ଖୋଲିପାରିବା ଏବଂ ଏହି ଉଇଣ୍ଡୋରୁ ଆମର ନେଟ୍‌ୱାର୍କ ସମ୍ବନ୍ଧରେ ସବୁ ସୂଚନା ପାଇପାରିବା ।

### 4. ରିସାଇକଲ୍ ବିନ୍ (Recycle Bin) :



ଆମେ ଯେପରି ଅଦରକାରୀ ଜିନିଷପତ୍ର ଓ ଅଳିଆ ରଖିବା ଲାଗି ଘରେ ଡଷ୍ଟବିନ୍ ବ୍ୟବହାର କରିଥାଉ, ଠିକ୍ ସେହିପରି କମ୍ପ୍ୟୁଟରରେ ପ୍ରତ୍ୟାହାର (Delete) କରାଯାଇଥିବା ଅଦରକାରୀ ଫାଇଲ, ଫୋଲଡର ଆଦି ରିସାଇକଲ ବିନ (Recycle Bin) ରେ ରହେ। ରିସାଇକଲ ବିନ ହେଉଛି, ହାର୍ଡ ଡିସ୍କରେ ଥିବା ଏକ ଅସ୍ଥାୟୀ ସଂଚୟ କ୍ଷେତ୍ର (Storage Area) । ରିସାଇକେଲବିନ୍‌ରେ ରଖିବାର ଅର୍ଥ, ଭୁଲବଶତଃ ଡିଲିଟ ହୋଇଥିବା କୌଣସି ତଥ୍ୟକୁ ପୁଣିଥରେ ଫେରାଇ ଆଣିପାରିବା ବା ଅଦରକାରୀ ତଥ୍ୟକୁ ସମ୍ପୂର୍ଣ୍ଣ ଭାବେ ମେମୋରୀରୁ ସବୁଦିନ ପାଇଁ ଲିଭାଇ ଦେଇପାରିବା ।

### ସଟ୍‌କଟ୍‌ସ (Shortcuts) :



କୌଣସି ଏକ ଫାଇଲ ବା ପ୍ରୋଗ୍ରାମ କାର୍ଯ୍ୟକ୍ରମ କରିବା ପାଇଁ ତା'ର ସଟ୍‌କଟ୍‌ର ବ୍ୟବହାର ଏକ ସହଜସାଧ୍ୟ ଉପାୟ ଅଟେ । ସାଧାରଣତଃ ବିଭିନ୍ନ ସବ୍ ଫୋଲ୍‌ଡର (Sub-folder) ଭିତରେ ଥିବା ଫାଇଲଟିକୁ ପାଇବା ପାଇଁ ଗୋଟିକ ପରେ ଗୋଟିଏ

ସବ୍ ଫୋଲ୍ଡର ଖୋଲିବାକୁ ହୋଇଥାଏ ଏବଂ ଶେଷରେ ଫାଇଲ୍‌ଟିକୁ ଡବଲକ୍ଲିକ୍ କରି ତାକୁ ପରିଚାଳନା କରିବାକୁ ହୁଏ ମାତ୍ର ତାହା ନକରି ଯଦି ଉକ୍ତ ଫାଇଲର ଏକ ସର୍ଟକଟ୍ ଆମେ ଡେସ୍କଟପ୍‌ରେ ରଖିଦେଉ, ତେବେ ସିଧାସଳଖ ଉକ୍ତ ସଟ୍‌କଟ୍‌ରେ ଡବଲ୍ କ୍ଲିକ୍ କରି ଫାଇଲଟି ପରିଚାଳନା କରିପାରିବା ।

### ସଟ୍‌କଟ୍ (Shotcut) ସୃଷ୍ଟିକରିବାର ଉପାୟ :

ଡେସ୍କଟପ୍ ଉପରେ ଥିବା ଆଇକନ୍‌ଗୁଡ଼ିକୁ ଲକ୍ଷ୍ୟକଲେ ଦେଖିବା, କେତେକ ଆଇକନ୍ ଉପରେ ଗୋଟିଏ ବାଙ୍କୁଲୀ ତୀର ଚିହ୍ନ ରହିଛି । ସେହି ତୀର ଚିହ୍ନ ହେଉଛି ସର୍ଟକଟ୍ (Shortcut) ର ଚିହ୍ନ ବା ଲୋଗ । ବହୁଳ ଭାବରେ ବ୍ୟବହୃତ ଫାଇଲ ବା ପ୍ରୋଗ୍ରାମ୍ ଗୁଡ଼ିକର ସଟ୍‌କଟ୍ ସୃଷ୍ଟି କରାଯାଇ ଡେସ୍କଟପ୍ ଉପରେ ଏହାର ଆଇକନ୍‌କୁ ସ୍ଥାନିତ କରାଯାଏ ।

ଧରାଯାଉ, Windows 7 MS Word ରେ ପ୍ରୋଗ୍ରାମର ଏକ ସଟ୍‌କଟ୍ ସୃଷ୍ଟି କରିବା ।






- ପ୍ରଥମେ ଷ୍ଟାର୍ଟ (Start) ବଟନ ଉପରେ କ୍ଲିକ୍ କରି All Programmeର ବିକଳ୍ପ (Option) କୁ ବାଛିବା । ତାପରେ MS Office ଫୋଲଡରକୁ ବାଛିବା । ଏହାର MS Office Word ପ୍ରୋଗ୍ରାମ ଉପରେ ରାଇଟ୍ କ୍ଲିକ୍ କରିବା ।
- ଏହାପରେ ଏକ ତାଲିକା (Menu) ଦେଖାଯିବ । ଏଥିରେ ଥିବା Send to ବିକଳ୍ପକୁ ବାଛିବା । ଏହାପରେ ଏକ ଉପତାଲିକା ପାଇବା । ସେଥିରେ ଥିବା Desktop (Short Cut Menu) ବିକଳ୍ପକୁ ବାଛି ତା ଉପରେ କ୍ଲିକ୍ କରିବା, MS Office Wordର ସଟ୍‌କଟ୍ ଆଇକନ୍ ଡେସ୍କଟପ୍‌ରେ ସ୍ଥାନିତ ହେବ ।


ଏବେ ଡେସ୍କଟପ୍‌ର ଏହି MS Office Word ସଟ୍‌କଟ୍ ଆଇକନ୍ ଉପରେ କ୍ଲିକ୍ କଲେ, ପ୍ରୋଗ୍ରାମଟି ଖୋଲିଯିବ ।

## ମାଉସ୍‌ର ମୌଳିକ କାର୍ଯ୍ୟ ପ୍ରଣାଳୀ (Basic Mouse Operation)

ପୂର୍ବ ଅଧ୍ୟାୟରେ ମାଉସ୍ ସମ୍ବନ୍ଧରେ କିଛି ଧାରଣା ପାଇଛ । ଏହା ଏକ ନିବେଶ ଯନ୍ତ୍ର । ମାଉସ ସାହାଯ୍ୟରେ ବ୍ୟବହାରକାରୀ, କମ୍ପ୍ୟୁଟର ସହ କାର୍ଯ୍ୟ ପରିଚାଳନା ସମ୍ପର୍କିତ ତଥ୍ୟର ଆଦାନ ପ୍ରଦାନ କରିପାରିବ । ବର୍ତ୍ତମାନ ଏହି ଅନୁଚ୍ଛେଦରେ ମାଉସ୍ ଦ୍ୱାରା କିଛି କାର୍ଯ୍ୟ ବିଷୟରେ ଜାଣିବା ।



## (କ) ମାଉସ୍‌ର ଚାଳନା-


ଭିନ୍ନ ଭିନ୍ନ ଆକୃତିର କରସର୍ ଓ ପଏଣ୍ଟର

ମାଉସ୍‌କୁ ସମତଳ ପୃଷ୍ଠ ଉପରେ ଚାଳନା କଲେ ଗୋଟିଏ ସୂଚକ ବା ପଏଣ୍ଟର (Pointer) କମ୍ପ୍ୟୁଟର ପରଦା (Screen) ଉପରେ ଗତି କରୁଥିବାର ଦେଖିବ । ଏହି ପଏଣ୍ଟର ଆକୃତି ଅନେକ ପ୍ରକାରର ଥାଏ । ଏହାକୁ ମଧ୍ୟ ଆମେ ନିଜ ଇଚ୍ଛା ଅନୁସାରେ ବଦଳାଇ ପାରିବା । ଏହାର ଆକୃତି ଆମେ ବ୍ୟବହାର କରୁଥିବା ପ୍ରୟୋଗ କାର୍ଯ୍ୟକ୍ରମ ଦ୍ୱାରା ବଦଳିଥାଏ । ଲକ୍ଷ୍ୟକର, ଦେଖିବ ସମତଳପୃଷ୍ଠରେ ମାଉସ୍‌ର ଚାଳନାର ଦିଗ ଓ ପରଦାରେ ମାଉସ ପଏଣ୍ଟର ଗତିର ଦିଗ ସହ ସମାନ ହେଉଛି ।

### ତୁମେ ଜାଣିଛ କି ?

କମ୍ପ୍ୟୁଟର ମାଉସ୍‌ର ଉଦ୍ଭାବନ 1963 ମସିହାରେ ଡ. ଡୁଗ୍ଲାସ୍ ଏଙ୍ଗେଲବାର୍ଟ୍‌ଙ୍କ ଦ୍ୱାରା ହୋଇଥିଲା । କିନ୍ତୁ ମାଉସ୍‌ର ବହୁଳ ବ୍ୟବହାର 1984 ମସିହାଠାରୁ ହେଉଛି ।

## (ଖ) ମାଉସ୍‌ର ବଟନ୍ ଉପରେ ଚାପ ଦେବା ପଦ୍ଧତି /କ୍ଲିକ୍ (Click):

ମାଉସର ବାମପାର୍ଶ୍ୱ ବଟନକୁ ଥରେ ଚିପି ସଂଗେ ସଂଗେ ଛାଡିବାକୁ କ୍ଲିକ୍ (Click) କୁହାଯାଏ ।

ବର୍ତ୍ତମାନ ଡେସ୍କଟପ୍ ଉପରେ ଥିବା ମାଁଇ କମ୍ପ୍ୟୁଟର (My computer) ଆଇକନ୍‌ଟିକୁ ସିଙ୍ଗଲ୍ କ୍ଲିକ୍ କର । ଦେଖିବ ଆଇକନ୍‌ଟି ସିଲେକ୍ଟ (Select) ହୋଇଯିବ । ପୁନଶ୍ଚ ଏଥିରୁ ନିବୃତ୍ତ ହେବା ପାଇଁ (De-select) କରିବାପାଇଁ ମାଉସକୁ ଡେସ୍କଟପ୍‌ର ଯେକୌଣସି ସ୍ଥାନରେ ଆଉଥରେ କ୍ଲିକ୍ କର ।

## (ଗ) ଡବଲ୍ କ୍ଲିକ୍ (Double Click):

ବାମ ପାଖ ମାଉସ୍ ବଟନ୍‌ରେ ଦୁଇଥର କ୍ଲିକ୍ କରିବାକୁ ଡବଲ୍ କ୍ଲିକ୍ କୁହାଯାଏ । କ୍ଲିକ୍ ଦ୍ୱୟ ମଧ୍ୟରେ ସମୟର ବ୍ୟବଧାନ ଖୁବ୍ କମ୍ ଥାଏ । ସାଧାରଣତଃ କୌଣସି ଉଇଣ୍ଡୋକୁ ଖୋଲିବା, ଫାଇଲ ବା ଫୋଲଡର ଖୋଲିବା ଆଦି କାର୍ଯ୍ୟ ଡବଲ୍ କ୍ଲିକ୍ ଦ୍ୱାରା ହୋଇଥାଏ ।



ନିମ୍ନସ୍ଥ ଉଦାହରଣ ଜରିଆରେ ଆମେ ଡବଲ୍ କ୍ଲିକ୍ ସହ ଅଭ୍ୟସ୍ତ ହେବା । ରିସାଇକଲ୍‌ବିନ୍ (Recycle Bin) ଆଇକନ ଉପରେ ଡବଲ କ୍ଲିକ୍ କର । ଦେଖିବ ରିସାଇକଲ୍ ବିନ୍‌ର ଉଇଣ୍ଡୋ କମ୍ପ୍ୟୁଟର ପରଦାରେ ଦୃଶ୍ୟମାନ ହେବ । ସେହିଭଳି ଅନ୍ୟ ଆଇକନ୍ ଏବଂ ଫୋଲଡର୍‌ଗୁଡ଼ିକ ଖୋଲିବାକୁ ଚେଷ୍ଟା କର । ଗୋଟିଏ ଉଇଣ୍ଡୋକୁ ବନ୍ଦ କରି ଅନ୍ୟ ଗୋଟିଏ ଉଇଣ୍ଡୋକୁ ଖୋଲିବାକୁ ଚେଷ୍ଟା କର ।

ଗୋଟିଏ ଉଇଣ୍ଡୋଜକୁ ବନ୍ଦ କରିବାକୁ ହେଲେ, ଉଇଣ୍ଡୋର ଦକ୍ଷିଣ ପାର୍ଶ୍ୱସ୍ଥ କୋଣରେ ଥିବା ☒ (Close) ଚିହ୍ନ ଉପରେ କ୍ଲିକ୍ କଲେ ଉଇଣ୍ଡୋଟି ବନ୍ଦ ହୋଇଯିବ ।

### (ଘ) ରାଇଟ୍ କ୍ଲିକ୍ (Right click) :

ମାଉସ୍‌ର ଡାହାଣ ପାଖ ବଟନ୍‌ରେ କ୍ଲିକ୍ କରିବାକୁ ରାଇଟ୍ କ୍ଲିକ୍ କୁହଯାଏ । ରାଇଟ୍ କ୍ଲିକ୍ ଦ୍ୱାରା କେତେକ ସ୍ୱତନ୍ତ୍ର କାର୍ଯ୍ୟ ହୋଇଥାଏ। ଯଥା- ସଟ୍‌କଟ୍ (Shortcut) ବା କୁଇକ୍ ମେନୁ (Quick menu) ପ୍ରଦର୍ଶନ ପାଇଁ ରାଇଟ୍ କ୍ଲିକ୍ କରାଯାଏ । ଡେସ୍କଟପ୍ (Desktop)ର ଯେକୌଣସି ଖାଲି ସ୍ଥାନରେ ରାଇଟ୍ କ୍ଲିକ୍ କର । ଦେଖିବ ଏକ ମେନୁ (Menu) ବାହାରିବ । ଆବଶ୍ୟକ ଅନୁସାରେ ଆମେ ଡେସ୍କଟପର ଆଇକନ ଗୁଡ଼ିକୁ ସଜାଡ଼ିବା, ଡେସ୍କଟପ୍‌ର ସ୍କ୍ରିନ୍ ବଦଳାଇବା, ଏହିପରି ଅନେକ କାର୍ଯ୍ୟ କରିପାରିବା ।

### (ଙ) ଡ୍ରାଗ (Mouse drag) :

ମାଉସ ସାହାଯ୍ୟରେ କୌଣସି ଉଇଣ୍ଡୋ କିମ୍ବା ଆଇକନ୍‌କୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଟାଣି ନେଇ ଯିବାକୁ ଡ୍ରାଗ୍ (Drag) କୁହାଯାଏ । ଏଥିପାଇଁ ପ୍ରଥମେ ଉକ୍ତ ଉଇଣ୍ଡୋ କିମ୍ବା ଆଇକନ୍ ଉପରେ ପଏଣ୍ଟର ରଖି ଆମକୁ ବାମପାର୍ଶ୍ୱ ମାଉସ ବଟନକୁ ଚାପିଧରି ମାଉସ୍‌କୁ ଗତି କରାଇବାକୁ ହୋଇଥାଏ । ଯେଉଁ ସ୍ଥାନରେ ଉକ୍ତ ଆଇକନ୍ ବା ଫୋଲଡର୍‌ଟିକୁ ରଖିବାକୁ ଚାହିଁବ, ସେହି ସ୍ଥାନରେ ରଖି ବଟନ୍‌କୁ ଚାପରୁ ମୁକ୍ତ କଲେ, ଦେଖିବ ଆଇକନ୍ ବା ଫୋଲଡ୍‌ର୍‌ଟିର ସ୍ଥାନ ପରିବର୍ତ୍ତନ କରିଛି ।

ଉଇଣ୍ଡୋଜ୍ 10 ପ୍ରଚାଳକରେ କାମ କରିବା ଅତ୍ୟନ୍ତ ସହଜ । ଏହି ପ୍ରଚାଳକ କାର୍ଯ୍ୟକ୍ଷମ ହେବା ପୂର୍ବରୁ ଉଇଣ୍ଡୋଜ୍ 8 ସିରିଜ୍ ପ୍ରଚଳିତ ଥିଲା ମାତ୍ର ଏହା ସେମିତି ଜନପ୍ରିୟ ନ ହେବାରୁ ପୂର୍ବରୁ ପ୍ରଚଳିତ ଉଇଣ୍ଡୋଜ୍ 7 ରେ ଏବେବି କାମ ଚାଲିଛି। ତେଣୁ ଏହି ବହିରେ ଉଭୟ Windows 7 ଓ Windows 10 ପ୍ରଚାଳକର ପାଠ ଦିଆଯାଇଛି ।

ପୂର୍ବରୁ ଉଇଣ୍ଡୋଜ୍ 7 ବିଷୟରେ ଆମେ ପଢ଼ିଲୁ । ଏବେ ଉଇଣ୍ଡୋଜ୍ 10 ବିଷୟରେ ଜାଣିବା ।

ଆପ୍ଲିକେସନ ସଫ୍‌ଟଓୟାର (Application Software) ରେ ଉଭୟ ପ୍ରଚାଳକ ପରିଚାଳନାରେ କୌଣସି ପାର୍ଥକ୍ୟ ପ୍ରାୟ ନଥାଏ । ଏଗୁଡ଼ିକୁ ଉଇଣ୍ଡୋଜ୍ ସହାୟକ ଉପାଂଶ (Windows Accessories) କୁହାଯାଏ । ଯଥା: Calculator, Note pad, Word Pad, Paint, MS Office (MS Word, MS Excel, MS Power Point) ଇତ୍ୟାଦି ।

ମାତ୍ର ସିଷ୍ଟମ୍ ସଫ୍‌ଟଓୟାର (System Software) ରେ ଉଭୟ ପ୍ରଚାଳକ ମଧ୍ୟରେ ଆକୃତି ପ୍ରକୃତି ଭିତରେ କେତୋଟି ପାର୍ଥକ୍ୟ ଅଛି ।

## Windows 7 ଓ Windows 10 ଭିତରେ କେତୋଟି ପାର୍ଥକ୍ୟ

୧. ଉଇଣ୍ଡୋଜ୍ 7 ଡେସ୍କଟପ୍‌ରେ ଆଇକନ୍ (Icon) ଗୁଡ଼ିକ ଏହାର ଭିନ୍ନଭିନ୍ନ ଗୋଟିଏ ପାଖରେ ରହୁଥିବାବେଳେ, ଉଇଣ୍ଡୋଜ୍ 10ର ଆଇକନ୍ ଗୁଡ଼ିକ ଧାଡ଼ିଧାଡ଼ି ହୋଇ ପରଦା (Window) ଉପରେ ଆଚ୍ଛାଦିତ ହୋଇଥାଏ ।



Windows-7 My Computer Icon



Windows-10 This PC Icon

୨. ଆଇକନ୍‌ଗୁଡ଼ିକର ଚିତ୍ର ଓ ରଙ୍ଗର ଭିନ୍ନତା ଥାଏ ।

୩. କେତୋଟି ପ୍ରୟୋଗ (Application) ଓ ଉପାଂଶ (Component)ର ନାମକରଣର ଭିନ୍ନତା ଥାଏ । ଯଥା-

(i) Windows 7 ରେ My Computer ଯାହା, Windows 10ର This PC ସେଇଆ

(ii) Windows 7 ର Application ଯାହା Windows-10ର Apps ସେଇଆ ।

ଏହିପରି ଉଭୟ ପ୍ରଚାଳକ ଭିତରେ ମାତ୍ର କେତୋଟି ପାର୍ଥକ୍ୟ ଥାଏ ।


ଏହା ବ୍ୟତୀତ ଉଇଣ୍ଡୋଜ୍ 10ର ବୈଶିଷ୍ଟ୍ୟ ହେଲା- ଏଥିରେ ଅନ୍ୟ ପ୍ରଚାଳକ (Operating System) ଠାରୁ ଅଧିକ କାର୍ଯ୍ୟକ୍ରମର ସୁଯୋଗ ରହିଛି ଏବଂ ନିମ୍ନଲିଖିତଗୁଡ଼ିକ ଅଧିକ ଶକ୍ତିଶାଳୀ ବା କାର୍ଯ୍ୟକ୍ଷମ ।

1. The New Start Menu (ଦି ନିଉ ଷ୍ଟାଟ୍ ମେନୁ)
2. Windows Apps (ଉଇଣ୍ଡୋଜ୍ ଆପ୍ସ)
3. Cortana (କର୍ଟାନା)
4. Hello (ହେଲୋ)
5. Microsoft Edge (ମାଇକ୍ରୋସଫ୍ଟ ଏଜ୍)
6. Action Centre (ଆକ୍ସନ୍ ସେଣ୍ଟର୍)
7. Virtual Desktop (ଭରଚୁଆଲ ଡେସ୍କଟପ୍)
8. Xbox Streaming (ଏକ୍ସବକ୍ସ ଷ୍ଟ୍ରିମିଂ)
9. Continuum (କଣ୍ଟିନୋମ୍)
10. Core Windows Apps (କୋର୍ ଉଇଣ୍ଡୋଜ୍ ଆପ୍ସ)

## କମ୍ପ୍ୟୁଟରକୁ ବନ୍ଦ କରିବା କିପରି ?

କମ୍ପ୍ୟୁଟରକୁ ବନ୍ଦ କରିବା ପାଇଁ (Shut down) କରିବା ପାଇଁ ଆମକୁ Windows 7 ରେ ନିମ୍ନଲିଖିତ ସୋପାନକୁ ଅନୁସରଣ କରିବାକୁ ପଡ଼ିବ ।

- ଷ୍ଟାର୍ଟବଟନ୍ (Start Button) ରେ କ୍ଲିକ୍ କର, ଷ୍ଟାର୍ଟମେନୁଟି ଦେଖିବାକୁ ପାଇବ ।
- ଏହି ମେନୁରେ ଥିବା ପାୱାର (Power) ବଟନରେ କ୍ଲିକ୍ କର, ତୁମେ Stand by Short down ଏବଂ Restart ଏହିପରି ତିନୋଟି ବିକଳ୍ପ (Option) ପାଇବ ।




- ବିକଳ୍ପ ଅପସନ୍‌ଗୁଡ଼ିକ ମଧ୍ୟରୁ (Shut Down) ବିକଳ୍ପ (Option) ରେ କ୍ଲିକ୍ କର ।
- ଶେଷରେ OK ବଟନ୍ ଉପରେ କ୍ଲିକ୍ କଲେ କମ୍ପ୍ୟୁଟରଟି ବନ୍ଦ ହୋଇଯିବ ।
- 'Restart' ରେ କ୍ଲିକ୍ କଲେ କମ୍ପ୍ୟୁଟରଟି ପ୍ରଥମେ ବନ୍ଦ ହୋଇ ପୁଣି ଖୋଲିଯିବ ।

ଠିକ୍ ସେହିପରି ଉଇଣ୍ଡୋଜ୍ 10 ପ୍ରଚାଳକରେ ମଧ୍ୟ କମ୍ପ୍ୟୁଟରକୁ ଏହି ପ୍ରଣାଳୀରେ ବନ୍ଦ୍ କରାଯାଇପାରିବ। ମାତ୍ର ଏହାର ଆଇକନ୍ ଏବଂ ଅନ୍ୟାନ୍ୟ ସୂଚନାଗୁଡ଼ିକ ଭିନ୍ନ ସ୍ଥାନରେ ରହିଥାଏ। ଅଭ୍ୟାସ କଲେ ସବୁ ବୁଝିହେବ।

## ଆସ ! କମ୍ପ୍ୟୁଟର ପରୀକ୍ଷାଗାରକୁ ଯିବା

1. କମ୍ପ୍ୟୁଟର ସୁଇଚ୍ ଅନ୍ କରି କମ୍ପ୍ୟୁଟର ପରଦା (Desktop)କୁ ଦେଖ । ସେଥିରେ ଥିବା ଆଇକନ୍ (Icon) ଗୁଡ଼ିକୁ ଦେଖ ।
2. ମାଇଁ କମ୍ପ୍ୟୁଟର (My Computer) ବା ଦିସ୍ ପିସି (This PC) ଆଇକନରେ ଡବଲ କ୍ଲିକ୍ କରି ଉଇଣ୍ଡୋଟିକୁ ଖୋଲି, ସେଥିରେ ଥିବା ଫୋଲଡର ଏବଂ ତାହାର ଉପାଂଶଗୁଡ଼ିକୁ ମଧ୍ୟ ଦେଖ । ଟାଇଟଲ ବାର (Title Bar) ରେ ଥିବା Maximise/Restore, Minimize ଏବଂ Close Buttonର ବ୍ୟବହାର କର । କ୍ଲୋଜ ବଟ୍‌ନ (x) ରେ କ୍ଲିକ୍ କରି ଉଇଣ୍ଡୋଟିକୁ ବନ୍ଦ କର ।
3. ଷ୍ଟାର୍ଟ ବଟନ (Start button) ରେ କ୍ଲିକ୍ କରି ସେଥିରେ ଥିବା ମେନୁ ମଧ୍ୟରୁ କାଲ୍‌କୁଲେଟରରେ କ୍ଲିକ କର । ଷ୍ଟାର୍ଟ୍ ବଟନ୍‌ରେ ଥିବା ପ୍ରତ୍ୟେକଟି ମେନୁକୁ ଦେଖି, ତାହାର ଏକ ତାଲିକା ପ୍ରସ୍ତୁତ କର ।

4. ରିସାଇକଲବିନ୍, ଆଇକନ୍‌ଟିରେ କ୍ଲିକ କରି ମାଉସର ବାମପାର୍ଶ୍ୱସ୍ଥ ବଟନକୁ ଚାପିଧରି ଆଇକନ୍‌ଟିକୁ ଟାଣି ଟାଣି ଏହାର ସ୍ଥାନ ପରିବର୍ତ୍ତନ କର ।


5. ରିସାଇକଲ ଉଇଣ୍ଡୋ (Recyclebin Window)କୁ ଖୋଲି ଏହାର ଟାଇଟଲ ବାର୍‌ରେ ପଏଣ୍ଟରକୁ ରଖି ବାମପାଖ ମାଉସ୍ ବଟନରେ ଚାପ ଦେଇ ଟାଣିଲେ ଦେଖିବ ମାଉସ୍‌ର ଗତି ଅନୁଯାୟୀ ପରଦାରେ ଉଇଣ୍ଡୋଟି ଆବଶ୍ୟକ ସ୍ଥାନକୁ ଗତି କରୁଛି । ଯେଉଁଠାରେ ୱିନ୍‌ଡୋଟିକୁ ଅବସ୍ଥାପିତ କରିବାପାଇଁ ଚାହୁଁଛ ସେହିଠାରେ ଚିତ୍ରଟିକୁ ରଖି ବଟନଟିକୁ ଚାପରୁ ମୁକ୍ତ କର । ଦେଖିବ Windowର ସ୍ଥାନର ପରିବର୍ତ୍ତନ ଘଟିଛି ।


6. **ଡେକ୍ସଟପ୍ (Desktop) ଉପରେ ଆଇକନଗୁଡ଼ିକର ସଜ୍ଜୀକରଣ : –**

ଡେକ୍ସଟପ୍‌ରେ ଥିବା ଖାଲିସ୍ଥାନରେ ରାଇଟ୍ କ୍ଲିକ୍ Right Click କର । ଦେଖିବ ଏକ ମେନୁ ଦୃଶ୍ୟମାନ ହେବ । ସେଥିରୁ Sort by Option ଉପରକୁ ମାଉସ୍ Pointer ନିଅ ଦେଖିବ ଏକ Submenu ଦୃଷ୍ଟିଗୋଚର ହେବ (ଚିତ୍ରକୁ ଲକ୍ଷ୍ୟ କର) । ସେଥିରେ ଥିବା ଚାରିଗୋଟି ଅପସନ୍ କୁ-ବ୍ୟବହାର କରି (ନାମ, ପ୍ରକାର, ଆକାର ଏବଂ ତାରିଖ ଅନୁଯାୟୀ) ଆଇକନ୍‌ଗୁଡ଼ିକୁ ସଜାଅ । ଦେଖ କ'ଣ ପରିବର୍ତ୍ତନ ହେଉଛି ।

7. ଡେସ୍କଟପ୍ ପ୍ରଚ୍ଛଦପଟକୁ ବଦଳାଇବା କିପରି ? କମ୍ପ୍ୟୁଟର ପରଦା (Desktop Screen) କୁ ବଦଳାଇବାପାଇଁ ଏହି ପ୍ରଣାଳୀକୁ ଅନୁସରଣ କର । ଯଦି ଏକ ନୂଆ ଫୋଲ୍‌ଡର୍ କରିବାକୁ ହୁଏ ତାହାହେଲେ ମାଉସରେ ରାଇଟ୍ କ୍ଲିକ୍ କଲେ କେତେକ ଅପସନରୁ ନିଉ ଫୋଲ୍‌ଡର ମିଳେ। ଏହି ଅପସନକୁ ଲେଫଟ୍ କ୍ଲିକ୍ କରି ଏହାର ନାମକରଣ କରାଯାଇ ଏକ ନୂତନ ଫୋଲ୍‌ଡର କରିହୁଏ।

- ଡେସ୍କଟପର ଖାଲି ସ୍ଥାନରେ ରାଇଟ୍ କ୍ଲିକ୍ (Right Click) କର । ଦିଆଯାଇଥିବା ଗୋଟିଏ ମେନୁ ଦେଖିବାକୁ ପାଇବ । ମେନୁର ପରସନାଲାଇଜ୍ (Personalize) ଅପସନ୍ (Option)ରେ କ୍ଲିକ୍ କର । ଯଦି ଏକ ନୂଆ ଫୋଲଡର କରିବାକୁ ହୁଏ ତାହାହେଲେ ମାଉସରେ ରାଇଟ କ୍ଲିକ୍ କଲେ କେତେକ ବିକଳ୍ପ (Option)ରୁ ନିଉ ଫୋଲଡର (New Folder) ମିଳେ। ଏହି ଅପସନ୍‌କୁ ଲେଫ୍‌ଟ କ୍ଲିକ୍ କରି ଏହାର ନାମକରଣ କରାଯାଇ ଏକ ନୂତନ ଫୋଲଡ଼ର କରିହୁଏ।



- ପର୍ସନାଲଇଜ୍ ଉଇଣ୍ଡୋଟି ଖାଲିଲେ ସେଥିରେ ତୁମେ ପୂର୍ବରୁ ଅନେକଗୁଡ଼ିଏ ଚିତ୍ର ରହିଥିବାର ଦେଖିବାକୁ ପାଇବ । ସେଥିମଧ୍ୟରୁ ତୁମ ନିଜ ଇଚ୍ଛାନୁଯାୟୀ ଏକ ଚିତ୍ରରେ କ୍ଲିକ କର । ଦେଖିବା ତୁମ ଡେକ୍ସଟପ୍‌ର ପ୍ରଚ୍ଛଦପଟଟି ବଦଳିଯାଇଛି ।

## ଆମେ କ'ଣ ଶିଖିଲେ

- ଉଇଣ୍ଡୋଜ ହେଉଛି ଏକ ପ୍ରଚାଳନ ପଦ୍ଧତି (Operating System) ଯାହାକି କମ୍ପ୍ୟୁଟରର ସମସ୍ତ କାର୍ଯ୍ୟକୁ ନିୟନ୍ତ୍ରଣ କରିଥାଏ ।
- ଡେସ୍କଟପ୍ ହେଉଛି ଉଇଣ୍ଡୋଜ୍‌ର ପ୍ରାରମ୍ଭିକ ଚିତ୍ରଭିତ୍ତିକ ପରଦା ।
- ଡେସ୍କଟପ୍‌ରେ ଥିବା କ୍ଷୁଦ୍ରଚିତ୍ରଗୁଡ଼ିକୁ ଆଇକନ୍ (Icon) କୁହାଯାଏ ।
- କୌଣସି ଉଇଣ୍ଡୋଜ୍‌ର ଉପରିଭାଗରେ ଥିବା ଅନୁଭୂମିକ ଦଣ୍ଡକୁ ଟାଇଟଲ (Title Bar) କୁହାଯାଏ ।
- କମ୍ପ୍ୟୁଟର ପରଦାର ସବାତଳେ ଥିବା ଭୂସମାନ୍ତର ଦଣ୍ଡକୁ ଟାସ୍କବାର (Taskbar) କୁହାଯାଏ । ଏହାର ବାମପାର୍ଶ୍ୱରେ ଷ୍ଟାର୍ଟ ବଟନଟି ରହିଥାଏ ।
- ମାଉସ୍‌ର ବାମପାର୍ଶ୍ୱସ୍ଥ ବଟନକୁ ଥରେ ଚିପି ସଂଗେ ସଂଗେ ଛାଡି ଦେବାକୁ କ୍ଲିକ୍ (Click) କୁହାଯାଏ ।
- ବାମପାର୍ଶ୍ୱ ମାଉସ୍ ବଟନରେ ଏକା ସାଙ୍ଗରେ ଦୁଇଥର କ୍ଲିକ କରିବାକୁ ଡବଲ କ୍ଲିକ୍ (Double Click) କୁହାଯାଏ ।
- ମାଉସ୍‌ର ଡାହାଣପାର୍ଶ୍ୱ ବଟନ୍‌କୁ ଥରେ ଚିପି ଛାଡିଦେବାକୁ ରାଇଟ୍ କ୍ଲିକ୍ କୁହାଯାଏ ।
- ମାଉସ୍ ସାହାଯ୍ୟରେ କୌଣସି ଉଇଣ୍ଡୋ କିମ୍ୱା ଆଇକନ୍‌କୁ ଗୋଟିଏ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ଟାଣି ନେଇଯିବାକୁ ଡ୍ରାଗ୍ କୁହାଯାଏ ।
- କମ୍ପ୍ୟୁଟରରୁ ଅପସାରିତ କରାଯାଇଥିବା (Delete) ଫାଇଲ୍ ବା ଫୋଲଡରଗୁଡ଼ିକ ରିସାଇକେଲ୍‌ବିନ୍ Recyclebin ଆଇକନ୍‌ରେ ରହିଥାଏ ।
- ନେଟ୍‌ୱାର୍କ (Network) ସମ୍ୱନ୍ଧୀୟ ସମସ୍ତ ସୂଚନା ଆମେ କମ୍ପ୍ୟୁଟର ସିଷ୍ଟମ (My Network Place) ଆଇକନ୍‌ରୁ ଜାଣିପାରିବା ।
- ମାଇଁ କମ୍ପ୍ୟୁଟର (My Computer) ଆଇକନ୍ ସାହାଯ୍ୟରେ ଆମେ କମ୍ପ୍ୟୁଟର ସିଷ୍ଟମ (Computer System)ର ସମସ୍ତ ଡ୍ରାଇଭ୍ (Drive) ଓ ଏହା ମଧ୍ୟରେ ଥିବା ଫାଇଲ, ଫୋଲଡରମାନଙ୍କୁ ଦେଖିବା ସହିତ ସେମାନଙ୍କ ସମ୍ୱନ୍ଧରେ ସୂଚନା ପାଇପାରିବା ।
- କମ୍ପ୍ୟୁଟରକୁ ନିୟନ୍ତ୍ରଣ କରିବାପାଇଁ କଣ୍ଟ୍ରୋଲ ପାନେଲ (Control Panel) ର ବ୍ୟବହାର କରାଯାଇଥାଏ । ନୂତନ ପ୍ରୋଗ୍ରାମ୍‌କୁ ସଂଯୋଗ / ଡିଲିଟ୍ (Delete), ମାଉସ, କିବୋର୍ଡ, ମୋଡେମ୍, ପ୍ରିଣ୍ଟରର ବ୍ୟବହାର ଏବଂ ଆଚରଣରେ ପରିବର୍ତ୍ତନ ପାଇଁ ମଧ୍ୟ କଣ୍ଟ୍ରୋଲ ପାନେଲର (Control Panel)ର ଆବଶ୍ୟକତା ଅଛି ।

# ପ୍ରଶ୍ନାବଳୀ

1. **ବନ୍ଧନୀମଧ୍ୟରେ ଥିବା ଶବ୍ଦଗୁଡ଼ିକୁ ବାଛି ଶୂନ୍ୟ ସ୍ଥାନ ପୂରଣ କର ।**

(ଟାଇଟଲ ବାର, ରିସାଇକଲବିନ୍, ଟାସ୍କବାର, ଡ୍ରାଗିଂ, ଆଇକନ, ଡେକ୍ସଟପ୍, କ୍ଲିକ୍, ନେଟଓ୍ୱାର୍କ କଣ୍ଟ୍ରୋଲ ପ୍ୟାନେଲ, ରିଷ୍ଟୋର ବଟନ)

(କ) କମ୍ପ୍ୟୁଟର ସୁଇଚ ଅନ କଲାପରେ, ପ୍ରଥମେ ଯେଉଁ ଚିତ୍ରଭିତ୍ତିକ ପରଦାଟି ପାଇଥାଉ ତାହାକୁ .................. କୁହାଯାଏ ।

(ଖ) କୌଣସି ଉଇଣ୍ଡୋଜ୍‌ର ସବୁଠାରୁ ଉପରେ ଥିବା ଆନୁଭୂମିକ ଦଣ୍ଡକୁ .................. କୁହାଯାଏ ।

(ଗ) ଷ୍ଟାର୍ଟ ବଟନଟି ଉଇଣ୍ଡୋଜର .................. ଉପରେ ରହିଥାଏ ।

(ଘ) କମ୍ପ୍ୟୁଟରରେ ଡିଲିଟ୍ କରାଯାଇଥିବା ଫାଇଲ ବା ଫୋଲଡରଗୁଡ଼ିକ ......................ରେ ରହିଥାଏ ।

(ଙ) .................. ପ୍ରକ୍ରିୟା ଅବଲମ୍ୱନରେ ଗୋଟିଏ ଆଇକନ୍ ବା ଫୋଲଡରକୁ ଗୋଟିଏ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ସ୍ଥାନାନ୍ତରଣ କରିପାରିବା ।

(ଚ) .................. ବଟନ୍‌ଟି ଉଇଣ୍ଡୋଜକୁ ପୂର୍ବ ଅବସ୍ଥାକୁ ଫେରାଇଆଣିବାରେ ସାହାଯ୍ୟ କରିଥାଏ ।

(ଛ) ଉଇଣ୍ଡୋଜରେ ନୂତନ ପ୍ରୋଗ୍ରାମ୍‌ର ସଂଯୋଗ ବା ଡିଲିଟ କରିବାପାଇଁ ..................ର ସାହାଯ୍ୟ ନିଆଯାଇଥାଏ ।

(ଜ) ଆମେ ନେଟଓ୍ୱାର୍କ ସମ୍ବନ୍ଧୀୟ ସମସ୍ତ ସୂଚନା .................. ଆଇକନ୍ ଦ୍ୱାରା ଜାଣିପାରୁ ।

(ଝ) ମାଉସ୍‌ର ବାମପାର୍ଶ୍ୱସ୍ଥ ବଟନକୁ ଥରେ ଚିପି ଛାଡ଼ିଦେବାକୁ .................. କୁହାଯାଏ ।

(ଞ) ଡେସ୍କଟପ ଉପରେ ଥିବା କ୍ଷୁଦ୍ର ଚିତ୍ରଗୁଡ଼ିକୁ .................. କୁହାଯାଏ ।

2. **ନିମ୍ନଲିଖିତ ଉକ୍ତିଗୁଡ଼ିକ ଠିକ୍ କି ଭୁଲ୍ ଲେଖ । ଉକ୍ତିଟି ଠିକ୍ ଥିଲେ, (✓) ଚିହ୍ନ ଏବଂ ଭୁଲ୍ ଥିଲେ (×) ଚିହ୍ନ ଦିଅ ।**

(କ) ପରଦାର ଠିକ୍ ତଳେ ଏକ ଭୂସମାନ୍ତର ଦଣ୍ଡ ଥାଏ । ଯାହାକୁ status bar କୁହାଯାଏ ।

(ଖ) ☒ର ଅର୍ଥ 'close'.

(ଗ) ମେନୁବାରର ଠିକ୍ ତଳକୁ ଆଡ୍ରେସ୍‌ବାର ଥାଏ ।

(ଘ) କମ୍ପ୍ୟୁଟର ମାଉସ୍‌ର ଉଦ୍ଭାବନ 1973 ମସିହାରେ ହୋଇଥିଲା ।

(ଙ) ମାଉସ୍‌ର ଡାହାଣପାଖ ବଟନରେ ଡବଲ କ୍ଲିକ୍ କରି ଡ୍ରାଗ କରାଯାଇଥାଏ ।

(ଚ) ଗୋଟିଏ ଆଇକନକୁ ସିଲେକ୍ଟ କରିବା ପାଇଁ ତାହା ଉପରେ ଥରେ କ୍ଲିକ୍ କରାଯାଇଥାଏ ।

(ଛ) ଡେକ୍ସଟପ ପ୍ରଚ୍ଛଦପଟ ବଦଳାଇବାପାଇଁ ଡେକ୍ସଟପ୍ ପରଦାର ଖାଲିଥିବା ସ୍ଥାନରେ କ୍ଲିକ୍ କରାଯାଏ ।

(ଜ) ଗୋଟିଏ ଆଇକନ ଉପରେ ରାଇଟ୍ କ୍ଲିକ କଲେ ଗୋଟିଏ ସର୍ଟକଟ୍ ମେନୁ ଦେଖାଯାଇଥାଏ ।

(ଝ) ଆମେ କଣ୍ଟ୍ରୋଲ ପ୍ୟାନେଲ୍‌କୁ ବ୍ୟବହାର କରି କମ୍ପ୍ୟୁଟରର ସମସ୍ତ ଡାଇଭ୍‌ମାନଙ୍କ ବିଷୟରେ ସୂଚନା ପାଇପାରିବା ।

(ଞ) ସାଧାରଣତଃ ଦୁଇ ପ୍ରକାରର ସ୍କ୍ରୋଲବାର ଉଇଣ୍ଡୋଜରେ ଦେଖାଯାଇଥାଏ ।

(ଟ) ମାଇକ୍ରୋସଫ୍‌ଟ କର୍ପୋରେସନ ଦ୍ୱାରା 1995 ମସିହାରେ Windows-95 ପ୍ରଚାଳନ ପଦ୍ଧତି ବ୍ୟବହାର କରିଥିଲା ।

(ଠ) ଡସ୍ (Disk Operating system) 1995 ରେ ପ୍ରସ୍ତୁତ ଏକ ଉତ୍ତମ ପ୍ରଚାଳକ ।

3. **ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ସଂକ୍ଷିପ୍ତ ଉତ୍ତର ଦିଅ ।**

(କ) ଉଇଣ୍ଡୋକୁ ଆରମ୍ଭ କରିବା କିପରି ?

(ଖ) ଗୋଟିଏ ଉଇଣ୍ଡୋକୁ ମାକ୍ସିମାଇଜ୍ ଏବଂ ମିନିମାଇଜ୍ କରିବା କିପରି ?

(ଗ) ଗୋଟିଏ ଉଇଣ୍ଡୋକୁ ଡେକ୍ସଟପ ଉପରେ ସ୍ଥାନ ପରିବର୍ତ୍ତନ କରାଇବା କିପରି ?

(ଘ) ମାଉସର ଡବଲକ୍ଲିକ୍ କହିଲେ କ'ଣ ବୁଝ ?

(ଙ) ଗୋଟିଏ ଆଇକନ୍‌ର କିପରି ସ୍ଥାନ ପରିବର୍ତ୍ତନ କରିପାରିବ, ଲେଖ ।

(ଚ) ଉଇଣ୍ଡୋଜ୍ ପ୍ରୋଗ୍ରାମ୍‌ରୁ ଅବ୍ୟାହତି ନେବା କିପରି ?

4. **ସଂକ୍ଷିପ୍ତ ଟିପ୍ପଣୀ ଦିଅ ।**

(କ) ଡେସ୍କଟପ (ଖ) ଷ୍ଟାର୍ଟ ବଟନ (ଗ) ଟାସ୍କବାର (ଘ) ରିସାଇକିଲବିନ (Recyclebin)

(ଙ) କଣ୍ଟ୍ରୋଲମେନୁ ବଟନ୍ (ଚ) କଣ୍ଟ୍ରୋଲ ପ୍ୟାନେଲ

❖